# NATIONAL NEWS BULLETIN (ODIA)
## 4 December - 2024
## Evening Bulletin : 7.15 p.m.

******************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ପୁରୀ ବ୍ଲୁ ଫ୍ଲାଗ୍ ବେଳାଭୂମିରେ ନୌସେନା ଦିବସ ପାଳନ ସମାରୋହରେ ଯୋଗଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

– ଦେଶକୁ ୨୦୪୭ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ଆତ୍ମନିର୍ଭର କରିବା ପାଇଁ ଲକ୍ଷ୍ୟ ରହିଛି, କହିଲେ ରାଷ୍ଟ୍ରପତି ।

- ପ୍ରୋବା-ଥ୍ରୀ ମହାକାଶ ଯାନରେ ତ୍ରୁଟି ପରିଲକ୍ଷିତ ହେବାରୁ ଆଜି ହେବାକୁ ଥିବା ଉତ୍କ୍ଷେପଣ ପ୍ରକ୍ରିୟା ଆସନ୍ତାକାଲି ଅନୁଷ୍ଠିତ ହେବ ବୋଲି ଇସ୍ରୋର ସୂଚନା ।
- ସମବାୟ ସମିତି ଗୁଡ଼ିକର ବିକାଶ ପାଇଁ ୭ ହଜାର ୭୦୮ କୋଟି ଟଙ୍କା ମଞ୍ଜୁରୀ କରାଯାଇଛି, ରାଜ୍ୟସଭାରେ ଉତ୍ତର ରଖିଲେ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହା ।
- ମହାରାଷ୍ଟ୍ରର ମହାୟୁତି ସରକାରଙ୍କ ଶପଥଗ୍ରହଣ ଉତ୍ସବ ଆସନ୍ତାକାଲି ।

ଏବଂ

- ସାରଜା କ୍ରିକେଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଅଣ୍ଡର ନାଇଣ୍ଟିନ୍ ଏସିଆକପ୍‌ର ଏକ ମ୍ୟାଚ୍‌ରେ ୟୁ.ଏ.ଇ.କୁ ୧୦ ୱିକେଟ୍‌ରେ ପରାସ୍ତ କଲା ଭାରତ ।

# ନୌସେନା ଦିବସ

ଦେଶକୁ ୨୦୪୭ ମସିହା ସୁଦ୍ଧା ସମ୍ପୂର୍ଣ୍ଣଭାବେ ଆତ୍ମନିର୍ଭରଶୀଳ କରିବାପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ପୁରୀ ବ୍ଲୁ-ଫ୍ଲାଗ୍ ବେଳାଭୂମିରେ ନୌସେନା ଦିବସ ପାଳନ ସମାରୋହରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ଜାତୀୟ ସୁରକ୍ଷାରେ ନୌସେନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମହିଳା ସଶକ୍ତୀକରଣ କ୍ଷେତ୍ରରେ ଭାରତୀୟ ନୌସେନା ଉଦାହାରଣ ସାଜିଛି । ଭାରତୀୟ ନୌସେନା, ମହିଳା ଅଗ୍ନିବୀରମାନଙ୍କୁ ପ୍ରଥମେ ସାମିଲ୍ କରିଥିଲା । ଭାରତର ୫ ହଜାର ବର୍ଷ ପୁରୁଣା ନୌବାଣିଜ୍ୟ ସମୃଦ୍ଧ ପରମ୍ପରା ରହିଛି । ଦେଶରେ ୬୩ଟି ସ୍ୱଦେଶୀ ଜ୍ଞାନକୌଶଳରେ ବୁଡ଼ାଜାହାଜ ନିର୍ମାଣ କରାଯାଇଛି । ବିପର୍ଯ୍ୟୟ ପରିଚାଳନା ହେଉ ଅଥବା ଆତଙ୍କବାଦ ମୁକାବିଲା, ନୌସେନା ସବୁବେଳେ ଦେଶକୁ ସୁରକ୍ଷା ଦେଇଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

ନୌସେନା ପକ୍ଷରୁ ଆଜି ଯବାନମାନେ ନିଜର ଶୌର୍ଯ୍ୟ, ବୀରତା, ରଣକୌଶଳ ଓ ପରାକ୍ରମ ପ୍ରଦର୍ଶନ କରିଛନ୍ତି । ସମୁଦ୍ର ଭିତରେ ଆଇଏନ୍ଏସ୍ ଜଳସ୍ୱ, ଦିଲ୍ଲୀ, ମହୀଶୂର, ମୁମ୍ବାଇ, ରଣବୀର, ଶକ୍ତି, ସାହ୍ୟାଦ୍ରି ଭଳି ୧୫ରୁ ଊର୍ଦ୍ଧ୍ୱ ଯୁଦ୍ଧଜାହାଜର ସମରାଭ୍ୟାସ ବେଶ୍ ଆକର୍ଷଣୀୟ ଥିଲା । ସ୍ଥଳପଥରେ ନୌସେନାର ଯବାନମାନେ ଯୁଦ୍ଧକୌଶଳ ପ୍ରଦର୍ଶନ କରି ସାହସିକତାର ପରାକାଷ୍ଠା ଦେଖାଇଛନ୍ତି । ଆକାଶରେ ମିଗ୍-୨୯ ଯୁଦ୍ଧବିମାନ, ହକ୍ ବିମାନ ସହ ୪୦ରୁ ଅଧିକ ହେଲିକପ୍ଟର କୌଶଳ ପ୍ରଦର୍ଶନ କରିଛନ୍ତି । ସ୍ୱତନ୍ତ୍ର ମାର୍କୋସ କମାଣ୍ଡୋ ଆକାଶରେ ତ୍ରିରଙ୍ଗା ପତାକା ଉଡ଼ାଇଛନ୍ତି । ଏହି ସମାରୋହକୁ ଦେଖିବାପାଇଁ ପ୍ରବଳ ଜନସମାଗମ ହୋଇଥିଲା । ଏହାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା ।

## ଇସ୍ରୋ

ଭାରତୀୟ ମହାକାଶ ଗବେଷଣା ସଂଗଠନ ଇସ୍ରୋ' ପ୍ରୋବା-ଥ୍ରୀ ମିଶନ୍ ଅନ୍ତର୍ଗତ ଆସନ୍ତାକାଲି ଅପରାହ୍ଣ ୪ଟା ୧୨ ମିନିଟ୍ ସମୟରେ ପି.ଏସ୍.ଏଲ୍.ଭି. ସି-୫୯ର ଉତ୍କ୍ଷେପଣ କରିବ । ପ୍ରୋବା-ଥ୍ରୀ ମହାକାଶ ଯାନରେ ତ୍ରୁଟି ପରିଲକ୍ଷିତ ହେବାରୁ ଆଜି ହେବାକୁ ଥିବା ଉତ୍କ୍ଷେପଣ ପ୍ରକ୍ରିୟା ଆସନ୍ତାକାଲି ହେବ ବୋଲି ଇସ୍ରୋ କହିଛି ।

ପ୍ରୋବା-ଥ୍ରୀ ମିଶନ୍‌ରେ ୟୁରୋପୀୟ ମହାକାଶ ସଂସ୍ଥାର ଦୁଇଟି ସାଟେଲାଇଟ୍‌କୁ ମହାକାଶକୁ ପ୍ରେରଣ କରାଯିବ । ସତୀଶ ଧାୱନ ମହାକାଶ କେନ୍ଦ୍ରର ପ୍ରଥମ ଲଞ୍ଚ୍‌ପ୍ୟାଡ୍‌ରୁ ପି.ଏସ୍.ଏଲ୍.ଭି. ସି-୫୯ ଦୁଇଟିଯାକ ସାଟେଲାଇଟ୍‌କୁ ନେଇ ମହାକାଶରେ ଉଚ୍ଚ ଅଣ୍ଡାକୃତି କକ୍ଷରେ ସ୍ଥାପନ କରିବ । ଦୁଇଟି ସାଟେଲାଇଟ୍ ମଧ୍ୟରୁ ଅକଲଟର୍ ସ୍ପେସ୍‌କ୍ରାଫ୍ଟର ଓଜନ ୨୦୦ କିଲୋଗ୍ରାମ ଥିବା ବେଳେ କରୋନା ଗ୍ରାଫ୍ ସ୍ପେସ୍‌କ୍ରାଫ୍ଟର ଓଜନ ୩୪୦ କିଲୋଗ୍ରାମ ରହିଛି । ଉଭୟ ସାଟେଲାଇଟ୍ ମହାକାଶରେ ପୃଥିବୀରୁ ସର୍ବାଧିକ ୬୦ ହଜାର ୫୩୦ କିଲୋମିଟର ଓ ସର୍ବନିମ୍ନ ୬୦୦ କିଲୋମିଟର ଉଚ୍ଚତାରେ ଏକ ଅଣ୍ଡାକାରପଥରେ ସ୍ଥାପନ କରାଯିବ । ମହାକାଶରେ ଏହା ଏକ ପରୀକ୍ଷାଗାର ଭଳି କାର୍ଯ୍ୟ କରିବ । ଇସ୍ରୋ ଏହି ଅଭିଯାନକୁ ଭାରତୀୟ ମହାକାଶ ଯାତ୍ରାରେ ଏକ ମାଇଲ୍‌ଖୁଣ୍ଟ ଭଳି ଅଭିହିତ କରିବା ସହ ଆନ୍ତର୍ଜାତିକ ଭାଗିଦାରୀ ସମ୍ପର୍କର ଏହା ଏକ ବଳିଷ୍ଠ ଉଦାହରଣ ବୋଲି କହିଛି ।

## ମହିଳା-ସମବାୟ ବିକାଶ

ଜାତୀୟ ସମବାୟ ବିକାଶ ନିଗମ ଏନ୍.ସି.ଡି.ସି. ସମବାୟ ସମିତି ଗୁଡ଼ିକର ବିକାଶ ପାଇଁ ତଥା ମହିଳାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ୭ ହଜାର ୭୦୮ କୋଟି ଟଙ୍କା ମଞ୍ଜୁରୀ କରିଛି ବୋଲି ସରକାର କହିଛନ୍ତି ।

ରାଜ୍ୟସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଦେଶରେ ୨୫ ହଜାର ୩୮୫ଟି ମହିଳା କଲ୍ୟାଣକାରୀ ସମବାୟ ସମିତି ପଞ୍ଜିକୃତ ହୋଇଛି । ସେ କହିଛନ୍ତି, ଏ କ୍ଷେତ୍ରରେ ଏନ୍.ସି.ଡି.ସି. ମହିଳା ସମିତି ଗୁଡ଼ିକର ସାମାଜିକ ଅର୍ଥନୈତିକ ସ୍ଥିତିକୁ ମଜବୁତ କରିବା ପାଇଁ ବ୍ୟବସାୟ ଭିତ୍ତିକ ସାହାଯ୍ୟ ପ୍ରଦାନ କରୁଛି । ଶ୍ରୀ ଶାହା କହିଛନ୍ତି, ମହିଳା ସମିତିମାନଙ୍କ ବ୍ୟବସାୟରେ ଅଂଶଗ୍ରହଣ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ମନ୍ତ୍ରୀ ଗୃହରେ ସୂଚନା ଦେଇ କହିଛନ୍ତି, ଦେଶରେ ଏକ ଲକ୍ଷ ୪୪ ହଜାରରୁ ଊର୍ଦ୍ଧ୍ୱ ଦୁଗ୍ଧ ସମିତି ରହିଛି ଏବଂ ଏହି କ୍ଷେତ୍ରରେ ବହୁ ଗ୍ରାମୀଣ ମହିଳାମାନେ ନିଯୁକ୍ତି ସୁଯୋଗ ପାଇଛନ୍ତି ।

## ଆର୍‌ଏସ୍-ବଏଲର୍ସ ବିଲ୍

ରାଜ୍ୟସଭାରେ ଆଜି ବଏଲର୍ସ ବିଲ୍ ୨୦୨୪ ପାରିତ ହୋଇଛି । ବଏଲର ଭିତରେ ରହି କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ନିରାପତ୍ତା ପାଇଁ ଏହି ବିଲ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏଥିରେ ମଧ୍ୟ ବଏଲର ଭିତରେ ଦେଖା ଯାଉଥିବା ଯାନ୍ତ୍ରୀକ ତ୍ରୁଟିକୁ ମରାମତି କରିବା ପାଇଁ ଅଭିଜ୍ଞ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେବା ପାଇଁ ବ୍ୟବସ୍ଥା ରହିଛି । ଅଣୁ, କ୍ଷୁଦ୍ର ଏବଂ

ମଧ୍ୟମ ଉଦ୍ୟୋଗରେ ବ୍ୟବହୃତ ବଏଲର କ୍ଷେତ୍ରରେ ଏହି ପାରିତ ବିଲ୍ ଅଧିକ ଫଳପ୍ରଦ ହେବ ବୋଲି ଆଶା କରାଯାଉଛି ।

ଏହି ବିଲ୍ ଆଲୋଚନାରେ ଭାଗ ନେଇ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ୍ ଉତ୍ତର ଦେଇଛନ୍ତି, ପ୍ରାକ୍ ସ୍ୱାଧୀନତା ଯୁଗରେ ଥିବା ସମସ୍ତ ଆଇନ୍‌କୁ ସରକାର ପରିବର୍ତ୍ତନ କରୁଛନ୍ତି । ସେ କହିଛନ୍ତି, ଦେଶର ନିରାପତ୍ତାକୁ ଦୃଷ୍ଟିରେ ରଖି ଏହି ବଏଲର୍ ବିଲ୍ ପାରିତ ହୋଇଛି । ଶ୍ରମିକମାନଙ୍କ ସୁରକ୍ଷା, ଦାୟିତ୍ୱବୋଧତା ଏବଂ ଦକ୍ଷତାକୁ ଦୃଷ୍ଟିରେ ରଖି ଏହି ବିଲ୍ ତିଆରି କରାଯାଇଛି । କାରଖାନାରେ ଶ୍ରମିକମାନଙ୍କ ନିରାପତ୍ତାକୁ ଗୁରୁତ୍ୱ ଦିଆଯାଇଥିବାରୁ ବିଜେପି ସାଂସଦ ବ୍ରିଜ୍ ଲାଲ ଏହାକୁ ସମର୍ଥନ କରିଛନ୍ତି । ମୋଦୀ ସରକାର ବ୍ୟବସାୟକୁ ସହଜ ଓ ନିରାପଦ କରିବା ପାଇଁ ସବୁ ବେଳେ ଗୁରୁତ୍ୱ ରଖି ଆସୁଥିବା ସେ କହିଛନ୍ତି ।

## ଭାରତ୍ କୀ ବୀର୍

ଭାରତ୍ କୀ ବୀର୍ ଟ୍ରଷ୍ଟ ପକ୍ଷରୁ ଦେଶର ୫୦୧ ଜଣ ସହିଦମାନଙ୍କ ଆତ୍ମୀୟ ସ୍ୱଜନମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି ସରକାର କହିଛନ୍ତି । ରାଜ୍ୟ ସଭାରେ ଏକ ଲିଖିତ ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି, ସହିଦମାନଙ୍କ ଉତ୍ତରାଧିକାରୀମାନଙ୍କୁ ସବୁ କ୍ଷେତ୍ରରୁ ଏକ କୋଟି ଟଙ୍କାର ସହାୟତା

ପ୍ରଦାନ କରାଯାଇଛି । ବିବାହିତ ସହିଦମାନଙ୍କ ପିତାମାତାଙ୍କୁ ମଧ୍ୟ ଟ୍ରଷ୍ଟ ପକ୍ଷରୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

## ମହାରାଷ୍ଟ୍ର

ବରିଷ୍ଠ ବିଜେପି ନେତା ତଥା ମହାରାଷ୍ଟ୍ରର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିଶ ଆଜି ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ୍‌ଙ୍କୁ ଆନୁଷ୍ଠାନିକ ଭାବେ ସାକ୍ଷାତ କରି ସରକାର ଗଠନ କରିବା ପାଇଁ ଦାବି ଉପସ୍ଥାପନ କରିଛନ୍ତି । ତାଙ୍କ ସହିତ କାମଚଳା ମୁଖ୍ୟମନ୍ତ୍ରୀ ତଥା ଶିବସେନା ନେତା ଏକନାଥ ସିନ୍ଦେ ଏବଂ ଏନ୍.ସି.ପି. ମୁଖ୍ୟ ଅଜିତ ପାୱାର ରାଜ୍ୟପାଳଙ୍କୁ ଭେଟିଛନ୍ତି ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଫଡ଼ନାବିଶ କହିଛନ୍ତି, ଶିବସେନା, ଏନ୍.ସି.ପି. ଏବଂ ଅନ୍ୟ ସହଯୋଗୀ ମହାଯୁତିର ସମର୍ଥନ ପରେ ରାଜ୍ୟପାଳ ଏହାକୁ ଗ୍ରହଣ କରି ସରକାର ଗଠନ କରିବା ପାଇଁ ଅନୁମତି ଦେଇଛନ୍ତି । ଶପଥଗ୍ରହଣ ସମାରୋହ ଆସନ୍ତାକାଲି ଅନୁଷ୍ଠିତ କରିବାକୁ ରାଜ୍ୟପାଳ କହିଛନ୍ତି । ମୁମ୍ବାଇର ଆଜାଦ୍ ମଇଦାନ ଠାରେ ଆସନ୍ତାକାଲି ସନ୍ଧ୍ୟା ୫ଟା ୩୦ ମିନିଟ୍ ସମୟରେ ଶପଥଗ୍ରହଣ

ଉତ୍ସବ ଅନୁଷ୍ଠିତ ହେବ । ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ବରିଷ୍ଠ ରାଜନେତାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ୪୦ ହଜାରରୁ ଅଧିକ ଜନତା ସାମିଲ ହେବେ ବୋଲି ସୂଚନା ମିଳିଛି ।

ଶ୍ରୀ ଫଡ଼ନାବିଶ୍ କହିଛନ୍ତି, ଏକନାଥ ସିନ୍ଦେ, ଅଜିତ ପାୱାରଙ୍କ ସହ ମିଶି ମହାରାଷ୍ଟ୍ରକୁ ସେ ବିକାଶର ଶୀର୍ଷରେ ପହଞ୍ଚାଇବାକୁ ଚେଷ୍ଟା କରିବେ । ନିର୍ବାଚନରେ ଦିଆଯାଇଥିବା  ବିଭିନ୍ନ ପ୍ରତିଶ୍ରୁତିକୁ ତାଙ୍କ ସରକାର ପୁରଣ କରିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି । ଗଣମାଧ୍ୟମକୁ ଶ୍ରୀ ସିନ୍ଦେ କହିଛନ୍ତି, ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀ ଫଡ଼ନାବିଶଙ୍କ ନାମ ସେ ପ୍ରସ୍ତାବିତ କରିଥିବାରୁ ନିଜକୁ ଧନ୍ୟ ମନେ କରୁଛନ୍ତି । ଏହି ମହାବିଜୟ ପାଇଁ ସେ ମହାରାଷ୍ଟ୍ର ଜନତାଙ୍କୁ କୃତଜ୍ଞତା ଜଣାଇଛନ୍ତି । ମହାଯୁତି ସରକାରର ଲକ୍ଷ୍ୟ ହେଉଛି, ଲୋକମାନଙ୍କ କଲ୍ୟାଣ କରିବା, ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବା ନୁହେଁ । ରାଜ୍ୟର ଉନ୍ନତି ପାଇଁ ତାଙ୍କ ସରକାର ସର୍ବଦା କାର୍ଯ୍ୟ କରିବ ବୋଲି ଶ୍ରୀ ସିନ୍ଦେ କହିଛନ୍ତି । ଇତିମଧ୍ୟରେ ଗଣମାଧ୍ୟମରେ ପ୍ରଚାରିତ ଖବର ଏନ୍.ସି.ପି. ମୁଖ୍ୟ ଅଜିତ ପାୱାର ଦିଲ୍ଲୀ ଯାଇ ବିଜେପି ନେତା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବା ଖବରକୁ ସେ ଖଣ୍ଡନ କରିଛନ୍ତି । ସେ ବ୍ୟକ୍ତିଗତ କାମରେ ଦିଲ୍ଲୀ ଯାଇଥିବା ସଫେଇ ଦେଇଛନ୍ତି । ବିଜେପି, ଶିବସେନା ଏବଂ ଏନ୍.ସି.ପି. ମିଳିତ ଭାବେ ରାଜ୍ୟ ପାଇଁ କାମ କରିବେ ବୋଲି ଶ୍ରୀ ପାୱାର କହିଛନ୍ତି ।

# ଭୁଟାନ କିଙ୍ଗ୍-ଭିଜିଟ୍

ଭୁଟାନ ରାଜା ଜିଗ୍‌ମେ ଖେସାର ନାମଗ୍ୟେଲ ଓ୍ୱାଙ୍ଗଚୁକ୍ ଏବଂ ରାଣି ଜେଟ୍‌ସୁନ୍ ପେମା ଓ୍ୱାଙ୍ଗ୍‌ଚୁକ୍ ଆସନ୍ତାକାଲିଠାରୁ ଭାରତକୁ ୨ ଦିନିଆ ଗସ୍ତରେ ଆସିବେ ।

ଗସ୍ତ ଅବସରରେ ଭୁଟାନ ରାଜା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ସମେତ ବରିଷ୍ଠ ସରକାରୀ ଅଧିକାରୀମାନଙ୍କୁ ସାକ୍ଷାତ କରିବାର କାର୍ଯ୍ୟସୂଚୀ ରହିଛି ।

ଭାରତ ଓ ଭୁଟାନ ମଧ୍ୟରେ ବନ୍ଧୁତ୍ୱ ଏବଂ ଅନନ୍ୟ ସହଭାଗିତା ରହିଛି । ଯାହାକି ଆପୋସ ବୁଝାମଣା ଓ ବିଶ୍ୱାସ ଉପରେ ପର୍ଯ୍ୟବେଶିତ । ଭୁଟାନ ରାଜାଙ୍କ ଏହି ଗସ୍ତ ଉଭୟ ପକ୍ଷଙ୍କୁ ଦ୍ୱିପକ୍ଷୀୟ ସହଭାଗିତା ଏବଂ ଭାଗିଦାରି ସଂପର୍କର ସମୀକ୍ଷା ପାଇଁ ସୁଯୋଗ ପ୍ରଦାନ କରିବ ।

# ପିଏମ୍-ମନଚନ୍ଦା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ସ୍କ୍ୱାସ୍ ଖେଳାଳି ରାଜ୍ ମନ୍‌ଚନ୍ଦାଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିଛନ୍ତି । ରାଜ୍ ମନ୍‌ଚନ୍ଦା ଭାରତୀୟ ସ୍କ୍ୱାସ୍ କ୍ରୀଡ଼ାରେ ଜଣେ କିମ୍ବଦନ୍ତୀ ଖେଳାଳି ଭାବେ ନିଜର

ପରାକାଷ୍ଠା ଦେଖାଇଛନ୍ତି । ସାମରିକ ସେବାରେ ସ୍ୱର୍ଗତ ମନ୍‌ଚନ୍ଦାଙ୍କ ଅବଦାନକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

## ଗଭ୍‌-ଫାର୍ମର୍ସ୍

କୃଷି ରାଷ୍ଟ୍ରମନ୍ତ୍ରୀ ଭାଗିରଥ ଚୌଧୁରୀ କହିଛନ୍ତି, ସରକାର କୃଷକମାନଙ୍କ ସହ ଆଲୋଚନା କରିବା ପାଇଁ ସର୍ବଦା ପ୍ରସ୍ତୁତ ଅଛନ୍ତି ଏବଂ ସେମାନଙ୍କ ପାଇଁ ସବୁବେଳେ ଦ୍ୱାର ଖୋଲା ରହିଛି । ସଂସଦ ବାହାରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଚୌଧୁରୀ କହିଛନ୍ତି, କୃଷକମାନେ ଆମକୁ ଖାଦ୍ୟ ପ୍ରଦାନ କରିବା ପାଇଁ ଅନେକ କଷ୍ଟ କରିଥାନ୍ତି । ସେମାନଙ୍କ କଷ୍ଟ ସରକାରଙ୍କ କଷ୍ଟ ବୋଲି ମନ୍ତ୍ରୀ କହିଛନ୍ତି । ଆନ୍ଦୋଳନରତ କୃଷକମାନେ ସେମାନଙ୍କର ସମସ୍ୟା ସରକାରଙ୍କ ସହିତ ଆଲୋଚନା କରିବାର ଆବଶ୍ୟକତା ରହିଛି ଏବଂ ସରକାର ମଧ୍ୟ ସେମାନଙ୍କ ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ନେବେ ବୋଲି କୃଷି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଚୌଧୁରୀ ସୂଚନା ଦେଇଛନ୍ତି ।

## ଏସିଆ କପ୍ କ୍ରିକେଟ୍

ସାରାଜ କ୍ରିକେଟ୍ ଷ୍ଟାଡିୟମ୍‌ରେ ଅଣ୍ଡର ନାଇଣ୍ଟିନ୍ ଏସିଆକପ୍ ଗ୍ରୁପ୍-ଏ ର ଏକ ମ୍ୟାଚ୍‌ରେ ଭାରତ ଘରୋଇ ୟୁନାଇଟେଡ୍ ଆରବ ଏମିରେଟ୍ସକୁ ୧୦ ୱିକେଟ୍‌ରେ ପରାସ୍ତ କରିଛି ।

ଟସ୍ ଜିତି ୟୁ.ଏ.ଇ. ଦଳ ପ୍ରଥମେ ବ୍ୟାଟିଂ କରି ୪୪ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୮ରନ୍ କରିଥିଲା । ଜବାବରେ ଭାରତ ୧୬ ଓଭର ଗୋଟିଏ ବଲ୍‌ରେ କୌଣସି ୱିକେଟ୍ ନ ହରାଇ ୧୪୩ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲା ।

ଗ୍ରୁପ୍-ଏର ଅନ୍ୟ ଏକ ମ୍ୟାଚ୍‌ରେ ପାକିସ୍ତାନ ଜାପାନ ବିପକ୍ଷରେ ୧୮୦ ରନ୍‌ରେ ବିଜୟ ଲାଭ କରିଛି । ୨୪୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଜାପାନ ୨୯ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୬୩ ରନ୍ କରିପାରିଥିଲା ।